## ସରକାରୀ ସହାୟତା ଦାବି

ଜୟପୁର, (ନି.ପ୍ର.): ଜୟପୁର ନିକଟ ରତ୍ନାକରଗୁଡାରେ ଥିବା ଫଳ ଦୋକାନରେ ଅଗ୍ନିକାଣ୍ଡ ଘଟିଛି । ଦୋକାନରେ ଥିବା ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ପୋଡି ଯାଇଥିଲା। ଦୋକାନ ମାଲିକ ମୁକୁନ୍ଦ ଖରା ଧାରକରଜ କରି ଫଳ ଦୋକାନ କରିଥିଲେ। ପାର୍ବଣ ଋତୁରେ ଲକ୍ଷାଧିକ ଟଙ୍କାର ଫଳ ଦୋକାନରେ ରଖିଥିଲେ, ଯାହାକି ଅଗ୍ନିକାଣ୍ଡରେ ଧୂଳିସାତ୍ ହୋଇଗଲା। ଗରିବ ଶ୍ରେଣୀର ଏହି ବ୍ୟବସାୟୀଙ୍କୁ କ୍ଷତିପୂରଣ ନିମନ୍ତେ କିଛି ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଦୋକାନ ମାଲିକଙ୍କ ସହ ସାମାଜିକ କର୍ମୀ ବି. ହରିବାବୁ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ।



## ସଂକ୍ଷେପରେ

### ଭାଲୁ କାମୁଡାରେ ଜଣେ ଗୁରୁତର

ପାପଡାହାଣ୍ଡି/ମଇଦଲପୁର,୨୬।୧୦ (ଡି.ଏନ୍.ଏ.): ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମାଝିଗୁଡା ପଞ୍ଚାୟତ ଟେଡୁଗୁଡା ଗ୍ରାମର ବନମାଳୀ ମାଝି(୪୨) ଭାଲୁ କାମୁଡ଼ାରେ ଗୁରୁତର ହୋଇଛନ୍ତି। ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବନମାଳୀ ମଙ୍ଗଳବାର ସନ୍ଧ୍ୟାରେ ଗାଁ ପାଖ ଜଙ୍ଗଲ ନିକଟରେ କରିଥିବା ଫସଲ ଦେଖିବାକୁ ଯାଇଥିଲେ। ଏହି ସମୟରେ ଭାଲୁଟି ପଛପଟୁ ଆସି ପ୍ରଥମେ ତାଙ୍କ ବେକ ଏବଂ ପରେ ପଛପଟ ଅଣ୍ଟାକୁ କାମୁଡି ଦେଇଥିଲା। ବନମାଳୀ ପାଖରେ ଥିବା ଏକ ବାଡ଼ିରେ ଭାଲୁକୁ ପିଟିବାରୁ ସେ ଜଙ୍ଗଲକୁ ପଳାଇଥିଲା। ସେ ତାଙ୍କ ଭାଇକୁ ଫୋନ କରି ଡାକିଥିଲେ। ତାଙ୍କ ଭାଇ ଘଟଣା ସ୍ଥଳରେ ପହଞ୍ଚି ବନମାଳୀଙ୍କୁ ଉଦ୍ଧାର କରି ପ୍ରଥମେ ପାପଡାହାଣ୍ଡି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### କଳା ପରୀକ୍ଷଣ ଶିବିର

ଜୟପୁର, ୨୬।୧୦(ନି.ପ୍ର.): ଜୟପୁର ବ୍ଲକ ସଭାଗୃହରେ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ନିମନ୍ତେ କଳା ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲା ସାଂସ୍କୃତିକ ଅଧିକାରୀ ପ୍ରୀତିସୁଦ୍ଧା ଜେନା, ଜୟପୁର ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିଶା. କେ. ଏସ୍ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୨୫ ଜଣ କଳାକାର ନିଜ କଳା ପ୍ରଦର୍ଶନ କରିଥିଲେ। ବ୍ଲକ ଅଧୀନରେ ୨୨ଟି ପଞ୍ଚାୟତରୁ ୨୫ ଜଣ କଳାକାର ଆସିଥିଲେ।

### ବରିଷ୍ଠ କଂଗ୍ରେସ ନେତାଙ୍କ ପରଲୋକ

ଜୟପୁର, ୨୬।୧୦ (ନି.ପ୍ର.): ବରିଷ୍ଠ କଂଗ୍ରେସ ନେତା ଦାନେଲ ବେହେରାଙ୍କ ଚିକିତ୍ସାଧୀନ ଅବସ୍ଥାରେ ହରିଡ଼ାପୁଟ ଗାଁ ସ୍ଥିତ ତାଙ୍କ ବାସଭବନରେ ମୃତ୍ୟୁ ଘଟିଛି। ସ୍ୱର୍ଗତ ଦାନେଲ କଂଗ୍ରେସର ଜଣେ ଟାଣୁଆ ନେତା, ସାମାଜିକ କର୍ମୀ ଏବଂ କୁମୁଲିପୁଟ ପୂର୍ବତନ ସରପଞ୍ଚ ଥିଲେ। ତାଙ୍କ ବିୟୋଗରେ ଜିଲା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ଅନ୍ତିମ ସଂସ୍କାରବେଳେ ହରିଡ଼ାପୁଟ ଗ୍ରାମରେ ଭଗବାନ ବାହିନୀପତି, ଜୟପୁର ବ୍ଲକ କଂଗ୍ରେସ ସଭାପତି ବସନ୍ତ ନାୟକ ଓ ଜିଲା ଯୁବକଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ।

### କାର୍ତ୍ତିକ ପୂର୍ଣ୍ଣିମା ପାଳନ ପ୍ରସ୍ତୁତି ବୈଠକ

ଡାବୁଗାଁ,୨୬।୧୦(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମା ଜୟନ୍ତୀନଗରସ୍ଥିତ ଶ୍ରୀ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ କାର୍ତ୍ତିକ ପୂର୍ଣ୍ଣିମା ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ବଲ୍ଲଭ ନାରାୟଣ ପାଣ୍ଡଙ୍କ ସଭାପତିତ୍ୱରେ ଚଳିତ ବର୍ଷ କିପରି ଶାନ୍ତି ଶୃଙ୍ଖଳାର ସହ କାର୍ତ୍ତିକ ପୂର୍ଣ୍ଣିମା ପାଳନ ହେବ ସେ ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ସମ୍ପାଦକ ସୀମାଞ୍ଚଳ ଦାସ, ସ୍ଥାନୀୟ ସରପଞ୍ଚ ରାମକୁମାର ଗଣ୍ଡ, ଗଗନ ବିହାରୀ ମହାନ୍ତି, ସୁବାସଚନ୍ଦ୍ର ପାଣିଗ୍ରାହୀ, ସୁଶାନ୍ତ ପଣ୍ଡା, ଦୀପକ ସ୍ୱାଇଁ, ମୁରଲୀଧର ଡାକୁଆ, ଶରତ ନାୟକ, ଗଣେଶ ଖୁଣ୍ଟିଆ, ମନ୍ମଥ ପଣ୍ଡା, ସୋମନାଥ ଜେନା, ନିରଞ୍ଜନ ରଥ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ସାପକାମୁଡାରେ ବୃଦ୍ଧାଙ୍କ ମୃତ୍ୟୁ

ଡାବୁଗାଁ, ୨୬।୧୦(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଟୁଟିଗୁଡ଼ା ଗ୍ରାମରେ ବୁଧବାର ସାପକାମୁଡାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସନବାରୀ ଭତ୍ରା (୫୮)। ସନିବାରୀ ମଧାହ୍ନ ଭୋଜନ ପରେ ନିଜ ଧାନଜମିକୁ ଯାଇଥିଲେ। ଉକ୍ତ ଧାନ ଜମି ହିଡ଼ରେ ଯାଉଥିବାବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସନବାରୀ ଚିତ୍କାର କରିବାରୁ ପାଖରେ ଥିବା ମକା ଜମିରେ କାମ କରୁଥିବା ତାଙ୍କ ପୁଅ ଆସି ପହଞ୍ଚିଥିଲେ। ସେ ସନବାରୀଙ୍କୁ ଘରକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ପୁଅ ସୁକୁମନ ଡାବୁଗାଁ ଥାନାରେ ଏତଲା ଦେଇଥିଲେ । ଘଟଣାସ୍ଥଳରେ ଥାନାଧିକାରୀ ପ୍ରମୋଦ କୁମାର ନାୟକ ଓ ଏଏସ୍ଆଇ ଶିଶିରକାନ୍ତି ଘୋଷ ପହଞ୍ଚି ମୃତଦେହ ଜବତକରି ପଞ୍ଚନାମା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଜୟପୁରରକୁ ଗଡ଼ିଲା ଭିଷ୍ଟାଡୋମ୍ କୋଚ୍

ଜୟପୁର, ୨୬।୧୦(ନି.ପ୍ର.)

କୋରାପୁଟ ଜିଲା ଜୟପୁର ରେଳ ଷ୍ଟେଶନ ଦେଇ ବୁଧବାରଠାରୁ ଭିଷ୍ଟାଡୋମ୍ କୋଚ୍ ସେବା ଆରମ୍ଭ ହୋଇଛି। ଏହି ସେବା ଜୟପୁର ଦେଇ ଯାଉଥିବା କିରାଣ୍ଡୁଲ-ବିଶାଖାପାଟଣା ଏବଂ ବିଶାଖାପାଟଣା-କିରାଣ୍ଡୁଲ ଏକ୍ସପ୍ରେସ୍ ଟ୍ରେନ୍‌ରେ ଆରମ୍ଭ କରାଯାଇଛି। ଏହି କୋଚ୍ ଏବେ ଓଡ଼ିଶା, ଆନ୍ଧ୍ର ଓ ଛତିଶଗଡ଼କୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ।

ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଛତିଶଗଡ଼ରେ ଗଡୁଥିବା ଏହି ବିଶାଖାପାଟଣା-କିରାଣ୍ଡୁଲ ଏକ୍ସପ୍ରେସ୍ ଟ୍ରେନ୍‌ରେ ୨ଟି ଭିଷ୍ଟାଡୋମ୍ କୋଚ୍ ଲାଗିଛି। ପ୍ରତ୍ୟେକ କୋଚ୍‌ର ସିଟ୍ ସଂଖ୍ୟା ୪୨। ଏହାଦ୍ୱାରା ଆନ୍ଧ୍ରପ୍ରଦେଶର ସୀମାଞ୍ଚଳ, ଆରାକୁବୋରା, ଓଡ଼ିଶାର ମାଛକୁଣ୍ଡ, ଶାବର ଶ୍ରୀକ୍ଷେତ୍ର କୋରାପୁଟ, ମାଳିଗୁଡ଼ା, ଜୟପୁର, ଛତିଶଗଡ଼ର ତୀରଥଗଡ଼, ଚିତ୍ରକୂଟକୁ ଯାଉଥିବା ପର୍ଯ୍ୟଟକମାନେ ଏହାର ସୁବିଧା ନେଇପାରିବେ। ଏହି କୋଚ୍‌ରେ ୩୬୦ ଡିଗ୍ରୀ ରୋଟାଲ ସିଟ୍ ସହ ଗ୍ଲାସ୍ ରୁଫେଡ୍ ଛାତ ଏବଂ ବଡ଼ ବଡ଼ ଝରକା ଲାଗିଛି। ବାହାର ରାଜ୍ୟ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଏହି କୋଚ୍ ଲଗାଯାଇଛି। ଏହାକୁ ସ୍ଥାନୀୟ ଲୋକମାନେ ସ୍ୱାଗତ କରିଛନ୍ତି। ସୂଚନାନୁଯାୟୀ ଯେତେବେଳେ ଭାରତରେ ଭିଷ୍ଟାଡୋମ୍ କୋଚ୍ ସେବା ଆରମ୍ଭ ହୋଇଥିଲା, ସେତେବେଳେ ହିଁ ବିଶାଖାପାଟଣା-କିରାଣ୍ଡୁଲ ଏକ୍ସପ୍ରେସ୍‌ରେ ଏହି ସୁବିଧା



ଭିଷ୍ଟାଡୋମ୍ କୋଚ୍‌ରେ ପର୍ଯ୍ୟଟକମାନେ।

**ଓଡ଼ିଶା, ଆନ୍ଧ୍ର, ଛତିଶଗଡ଼କୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ**

ଥିଲା। କିନ୍ତୁ ଆନ୍ଧ୍ରପ୍ରଦେଶ ପର୍ଯ୍ୟଟନ ବିଭାଗ ଏବଂ ରେଳ ବିଭାଗ ମିଳିତ ଉଦ୍ୟମରେ ଏହା ଆରମ୍ଭ ହୋଇଥିବାରୁ ଭିଷ୍ଟାଡୋମ୍ କୋଚ୍ ଓଡ଼ିଶା ଆସୁ ନ ଥିଲା। ଆରକୁ ଯାଏ ଆସିବା ପରେ ଟ୍ରେନ୍‌ରୁ କୋଚ୍‌ଗୁଡ଼ିକୁ ସେଠାରେ କଢ଼ାଯାଉଥିଲା। ପୁଣି ବିଶାଖାପାଟଣା ଅଭିମୁଖେ ଡାଉନ ଟ୍ରେନ୍‌ରେ ଫେରିବା ବ୍ୟବସ୍ଥା କରାଯାଇଥିଲା। ଏହାକୁ ନେଇ ଗତବର୍ଷ ଅଗଷ୍ଟ ୨୨ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜୟପୁର ଆସିଥିବାବେଳେ ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ କୋରାପୁଟ ଏମ୍‌ପି ଏନେଇ ଏକ ଚିଠି ମଧ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ୨୦୧୭ରୁ ଆରାକୁ ଯାଏ ଆସୁଥିବା ଏହି କୋଚ୍ ଗୁଡ଼ିକୁ ଛତିଶଗଡ଼ର କିରାଣ୍ଡୁଲ ଯାଏ ସେବା ସମ୍ପ୍ରସାରିତ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସି ପ୍ରକାଶ ପାଇଛି। ଓଡ଼ିଶା, ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶର ଏହା ଏକ ମାତ୍ର ଟ୍ରେନ୍ ଯେଉଁଥିରେ ଏହି ସେବା ରହିଛି। କଶ୍ମୀର ଘାଟି, ସିଲିଗୁଡ଼ି, ବେଙ୍ଗାଲୁରୁ, ମୁମ୍ବାଇ, ପୁଣେ ଭଳି ସ୍ଥାନରେ କେତେକ ନିର୍ଦ୍ଦିଷ୍ଟ ଟ୍ରେନ୍‌ରେ ଏହି ସୁବିଧା ରହିଛି। ଦେଶରେ କେବଳ ୨୦ଟି ଟ୍ରେନ୍‌ରେ ଏହା ଉପଲବ୍ଧ। ଏଭଳି କ୍ଷେତ୍ରରେ କୋରାପୁଟ ଭଳି ଆକାଂକ୍ଷୀ ଜିଲାର କୋଟପାଡ଼, କୁସୁମୀ, ମାନବାର, ଛତ୍ରିପୁଟ, ଧନପୁର ଭଳି ଷ୍ଟେଶନ ଥିବା ଛୋଟ ଗାଁ ଲୋକେ ବି ଏହାର ସୁବିଧା ନେଇପାରିବେ।

### ଗାର୍ଡ, ଟିଟିଇଙ୍କୁ ଛାଡ଼ି ଷ୍ଟେଶନ ଛାଡ଼ିଲା ଟ୍ରେନ୍

କୋରାପୁଟ, ୨୬।୧୦(ସ୍ୱ.ପ୍ର.)

କୋରାପୁଟ ଷ୍ଟେଶନରେ ବୁଧବାର ଗାର୍ଡ ଓ ଟିଟିଇଙ୍କୁ ଛାଡ଼ି ଟ୍ରେନ୍ ପଳାଇଥିଲା। ସଙ୍ଗେ ସଙ୍ଗେ ଗାର୍ଡ ତାଙ୍କ ୱାକିଟୋକିରୁ ଟ୍ରେନ୍ ରଖିବାକୁ ଡ୍ରାଇଭରଙ୍କୁ କହିଥିଲେ। ଅଳ୍ପ କିଛି ଦୂର ଯାଇ ଟ୍ରେନ୍‌ଟି ଅଟକିଥିଲା। ଏହାପରେ ସେଥିରେ ଗାର୍ଡ ଓ ଟିଟିଇ ଚଢ଼ିଥିଲେ। କିରାଣ୍ଡୁଲରୁ ବିଶାଖାପାଟଣା ଯାଉଥିବା ଟ୍ରେନ୍ ୨ଟି ଭିଷ୍ଟାଡୋମ୍ କୋଚ ନେଇ କୋରାପୁଟ ଷ୍ଟେଶନରେ ବୁଧବାର ଅପରାହ୍ନରେ ପହଞ୍ଚିଲା। ଗୋଟିଏ କୋଚ ଅପରିଷ୍କାର ଥିବା ନେଇ ଜଣେ ଯାତ୍ରୀ ଅଭିଯୋଗ କରିଥିଲେ। ଏହାପରେ ଟ୍ରେନ୍‌ଟି ଷ୍ଟେଶନ ଛାଡ଼ିବା ପରେ ଯାତ୍ରୀ ଜଣଙ୍କ ଆଲାର୍ମ ଚେନ୍ ପୁଲିଂ କରିବାରୁ ଟ୍ରେନ୍‌ଟି ଷ୍ଟେଶନ ମଧ୍ୟରେ ଅଟକିଥିଲା। ଟ୍ରେନ୍‌ଟି ରହିବା ପରେ ଆର୍‌ପିଏଫ୍ ଅଧିକାରୀ ଆସି ଉକ୍ତ ଯାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଗାର୍ଡ ଓ ଟିଟିଇ ମଧ୍ୟ ଟ୍ରେନରୁ ଓହ୍ଲାଇଥିଲେ। ଏହି ସମୟରେ ଟ୍ରେନ୍‌ଟି ଛାଡ଼ିଦେଇଥିଲା। ଗାର୍ଡ ତାଙ୍କର ୱାକିଟୋକିରେ ଟ୍ରେନକୁ ରଖିବାକୁ ଡ୍ରାଇଭରକୁ କହିଥିଲେ। କିଛି ଦୂର ଯିବାପରେ ଟ୍ରେନ ଅଟକିବାରୁ ଗାର୍ଡ ଓ ଟିଟିଇ ସେଥିରେ ଚଢ଼ିଥିଲେ। ସୂଚନା ଥାଉକିଗତ ୨ଦିନତଳେ ବିଶାଖାପାଟଣାରୁ କୋରାପୁଟ ଆସୁଥିବା ଭିଷ୍ଟାଡୋମ୍ କୋଚ ରେଳ ବିଭାଗ ପକ୍ଷରୁ ଛତିଶଗଡ଼ର କିରାଣ୍ଡୁଲକୁ ସମ୍ପ୍ରସାରଣ କରାଯାଇଛି।

### ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

rgdselfie@gmail.com



@ ମହେନ୍ଦ୍ର



@ ରତ୍ନାକର



@ ମୁନା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜିଲାର ଦ୍ୱିତୀୟ ମିଲେଟ୍ ଟିଫିନ ସେଣ୍ଟର ଉଦ୍‌ଘାଟିତ

ଉମରକୋଟ, ୨୬।୧୦(ସ୍ୱ.ପ୍ର.)

**ଜଳଖିଆ ଖାଇଲେ ଜିଲାପାଳ, ଅଧିକାରୀ**

ମିଶନ ଶକ୍ତି ସହ ମିଲେଟ୍ସ ମିଶନକୁ ଯୋଡ଼ି ସରକାର ସ୍ୱତନ୍ତ୍ର ଭାବେ 'ମିଲେଟ୍ ଶକ୍ତି' ଗଠନ କରିଛନ୍ତି। ମହିଳାମାନେ ମିଲେଟ୍ସରୁ ନାନା ରକମର ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରି ବିଭିନ୍ନ ମେଳା ଏବଂ ସ୍ୱତନ୍ତ୍ର ଭାବେ 'ମିଲେଟ୍ସ କାଫେ' ଜରିଆରେ ତାହାକୁ ବିକ୍ରି କରୁଛନ୍ତି। ମିଲେଟ ଶକ୍ତି କାଫେ, ମିଲେଟ୍ ଟିଫିନ ସେଣ୍ଟର କରାଯାଇ ମିଲେଟ ଜାତୀୟ ଖାଦ୍ୟକୁ ଏବେ ଲୋକପ୍ରିୟ କରାଯାଉଛି। ଏହି କ୍ରମରେ ବୁଧବାର ଉମରକୋଟ-କୋଣ୍ଡାଗାଁ ରାସ୍ତାରେ କୁସୁମଗୁଡ଼ା ଜୟଶ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଏକ ମିଲେଟ୍ ଟିଫିନ ସେଣ୍ଟର ଖୋଲାଯାଇଛି। ନବରଙ୍ଗପୁର ଜିଲାପାଳ କମଳଲୋଚନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମିଲେଟ୍ସର ପ୍ରଚାର ପ୍ରସାର ସହିତ ଏସ୍ଏଚ୍‌ଜି ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବା ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନିତ ଅତିଥିଭାବେ ବିଡିଓ ହିମାଚଳ ମାଝି, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଉମରକୋଟ ସିଡିପିଓ ସଂଯୁକ୍ତା



ଟିଫିନ୍ ସେଣ୍ଟରରେ ଜିଲାପାଳ ଓ ଅନ୍ୟମାନେ।

ବେହେରା, ଜିଲା ମୁଖ୍ୟ କୃଷି ଅଧିକାରୀ ଜି. ଭେଙ୍କଟ ରେଡ୍ଡୀ, ଓଡ଼ିଶା ଜୀବିକା ମିଶନ ବିପିଏମ୍ ତଥା ମିଶନ ଶକ୍ତି ଡିପିସି ହର୍ଷାନନ୍ଦ ପ୍ରଧାନ, ଡିପିସି ଜୟନ୍ତ କୁମାର ରଥ, ବିପିଏମ୍ ସରୋଜ ଧାରୁଆ, ଉମରକୋଟ ପୌର ପରିଷଦ ଉପାଧ୍ୟକ୍ଷ ସୁଧାଂଶୁ ଦାସ ପ୍ରମୁଖ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାହାରା ସହଯୋଗିତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହାରା ସମ୍ପାଦକ ମନୋଜ ଧଳ, ମିଲେଟ ମିଶନ ଅତିରିକ୍ତ ଜିଲା ପ୍ରକଳ୍ପ ସଂଯୋଜକ ବି. ରାଜେଶ୍ୱର ସ୍ୱାମୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନେ ଜଳଖିଆ ଖାଇଥିଲେ। ବିଡିଓ ବ୍ଲକ କର୍ମଚାରୀଙ୍କ ପାଇଁ ୫୦ଟି ଟିଫିନ ବରାଦ କରି ନେଇଥିଲେ। ଜୟଶ୍ରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭାପତି ସନ୍ତୋଷୀ ଦଳେଇ, ସମ୍ପାଦିକା ଭାରତୀ ଦଳେଇ, ସଭ୍ୟା ରମା ପରିଡ଼ା, ସୁଦେଷ୍ଣା ପରିଡ଼ା, ରଞ୍ଜିତା ପରିଡ଼ା, ଶଲି ଜେନା,ପୁନି ସ୍ୱାଇଁ, ନମିତା ଦଳେଇ, ପ୍ରଫୁଲ୍ଲ ପରିଡ଼ା, ମଞ୍ଜୁ ପରିଡ଼ା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଜଳଖିଆ କେନ୍ଦ୍ର ସକାଳ ୬ ରୁ ୧୧ଟା ପର୍ଯ୍ୟନ୍ତ ଖୋଲା ରହିବ। ମିଲେଟ୍ସରୁ ପ୍ରସ୍ତୁତ ଜଳଖିଆ ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ ବୋଲି ସମ୍ପାଦିକା ଭାରତୀ ଦଳେଇ ସୂଚନା ଦେଇଛନ୍ତି। ଏହା ହେଉଛି ଜିଲାର ଦ୍ୱିତୀୟ ମିଲେଟ୍ସ ଟିଫିନ ସେଣ୍ଟର।

## ଚୋରି ଜିନିଷ ଜବତ, ଜଣେ ମହିଳା ଗିରଫ

ସୁନାବେଡା,୨୬।୧୦(ସ୍ୱ.ପ୍ର.)

ସୁନାବେଡା ଥାନା ଅଧୀନ ସେମିଲିଗୁଡାସ୍ଥିତ ସନ୍ତୋଷୀ ମନ୍ଦିର ଅଞ୍ଚଳରେ ରହୁଥିବା ଗଣେଶ୍ୱର ରାଉତଙ୍କ ଘରୁ ୨ ଦିନ ତଳେ ଚୋରି ହୋଇଥିଲା। ଏହି ଘଟଣାରେ ସୁନାବେଡା ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଶାନ୍ତି ସିଂ(୪୨)। ଘଟଣାରେ ସମ୍ପୃକ୍ତ ୩ଜଣ ନାବାଳକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିବା ସହ ସେମାନଙ୍କୁ ଜୁଭେନାଇଲ୍ କୋର୍ଟରେ ହାଜର କରିଛି। ଗିରଫ ମହିଳାଙ୍କ ନିକଟରୁ ହଳେ ସୁନା କାନଫୁଲ, ଦୁଇଟି ସୁନାମୁଦି, ଅନେକ ପିତଳ ବାସନ ଓ ବହୁ ପିତଳ ସାମଗ୍ରୀ ମିଳିଛି। ମହିଳା ଜଣଙ୍କ ଚୋରି ଜିନିଷ କିଣିଥିବାରୁ ତାଙ୍କୁ ଗିରଫ କରାଯାଇଛି ବୋଲି ଥାନା ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯେ, ଗଣେଶ୍ୱରଙ୍କ ପରିବାର କୌଣସି କାମରେ ଦାମନଯୋଡି ଯାଇଥିବାବେଳେ ଘର ତାଲା ପଡ଼ିଥିଲା। ଏହାର ସୁଯୋଗ ନେଇ ନାବାଳକମାନେ ତାଙ୍କ ଘରେ ପଶି ବହୁ ମୂଲ୍ୟବାନ ଜିନିଷ ସହିତ ସୁନା ଅଳଙ୍କାର ଲୁଟି ନେଇଥିଲେ। ଗଣେଶ୍ୱର ଏ ନେଇ ମଙ୍ଗଳବାର ସୁନାବେଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ସୁନାବେଡା ଥାନାଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ କେସ୍ ନଂ.୧୭୨/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲେ।

## ସ୍କୁଲରେ ଅଗ୍ନିଶମ ବାହିନୀର ମକ୍ ଡ୍ରିଲ୍



ଅଗ୍ନିଶମ ବାହିନୀ କର୍ମଚାରୀ ନିଆଁ ଲିଭାଇବା କୌଶଳ ଦେଖାଉଛନ୍ତି।

ଡାବୁଗାଁ, ୨୬।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ କୋଇଲାରୀ ପଞ୍ଚାୟତ ସଦର ମହକୁମାସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଡାବୁଗାଁ ଅଗ୍ନିଶମ ବାହିନୀ ମକ୍‌ଡ୍ରିଲ୍ ପ୍ରଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଭାରପ୍ରାପ୍ତ ଅଗ୍ନିଶମ କେନ୍ଦ୍ର ଅଧିକାରୀ ଉପେନ୍ଦ୍ର ମହାରଣା, ଆଗ୍ନିକ ହେମନ୍ତ କୁମାର ମାଝି, ସୁମନ୍ତ ସାହୁ, ହିରୋଜ ବେହେରା ଓ ଆଗ୍ନିକ ଡ୍ରାଇଭର ପ୍ରସନ୍ନ ବିଶ୍ୱାଳ ପ୍ରମୁଖ ଗଭୀର ଜଳରୁ ବିପନ୍ନ ବ୍ୟକ୍ତିଙ୍କୁ ଉଦ୍ଧାର କରିବା କୌଶଳ, ରାସ୍ତାରେ ଗଛ ପଡ଼ିଥିଲେ ଯନ୍ତ୍ର ସାହାଯ୍ୟରେ ଗଛ କାଟିବା, ଗ୍ୟାସ୍ ଜଳୁଥିଲେ ଗ୍ୟାସ୍‌କୁ ଲିଭାଇବା କୌଶଳ, ତେଲରେ ନିଆଁ ଲାଗିଥିଲେ ତାହାକୁ ଲିଭାଇବା ପ୍ରଣାଳୀ, ଘରେ ନିଆଁ ଲାଗିଥିଲେ ତାହାକୁ ଲିଭାଇବା ଓ ସଂଜ୍ଞାହୀନ ଲୋକଙ୍କୁ ଉଦ୍ଧାର କରିବା କୌଶଳ ବିଷୟରେ ବୁଝାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବେହେରା, ଶିକ୍ଷୟିତ୍ରୀ ମାନସୀ ମହାନ୍ତି, ସବିତା ଦାସ, ୱାର୍ଡେନ ସଞ୍ଜୁ କାର୍ଜୀ ଓ ଶିକ୍ଷକ ବଲ୍ଲଭ ନାରାୟଣ ପଣ୍ଡାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଛି।

## ଗାଁକୁ ଆସିଲା ଦାଦନ ଶ୍ରମିକଙ୍କ ମୃତଦେହ

ଡାବୁଗାଁ, ୨୬।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଡ଼ଙ୍ଗରିଗୁଡା ପଞ୍ଚାୟତ ଅଧୀନ ବୋରିପଦର ଗ୍ରାମରୁ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିବା ଜଣେ ଯୁବକଙ୍କ ସେଠାରେ ମୃତ୍ୟୁ ହୋଇଛି। ମୃତକଙ୍କ ପରିବାର ଲୋକେ ସେଠାକୁ ଯାଇ ତାଙ୍କ ମୃତଦେହକୁ ଗାଁକୁ ଫେରାଇ ଆଣିଛନ୍ତି। ବୋରିପଦର ଗ୍ରାମର ରମେଶ ଡଙ୍ଗରୀ (୨୮) କିଛିମାସ ତଳେ ତାମିଲନାଡୁର ତିରିପୁର ଅଞ୍ଚଳରେ ଥିବା ଡିସ୍କି କମ୍ପାନୀରେ ରହି ସିଲେଇ କାମ କରୁଥିଲେ। ଅସୁସ୍ଥତା କାରଣରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ୨୩ତାରିଖରେ ପରିବାର ଲୋକେ ଖବର ପାଇଥିଲେ। ପରେ ଭାଇ ପୁରୁଷୋତ୍ତମ ଓ ପୁତୁରା ତାପସ ତିରିପୁର ପହଞ୍ଚି ମୃତଦେହକୁ ଏକ ଆମ୍ବୁଲାନ୍ସ ଯୋଗେ ନିଜ ଗାଁକୁ ଆଣିଥିଲେ। ଗାଁ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ମୃତଦେହ ସତ୍କାର କରାଯାଇଥିଲା।

## ବାଡ୍ରୀପୁଟ୍‌ରେ ଲାଗିଲା ନୂଆ ଟ୍ରାନ୍ସଫର୍ମର

ବୈପାରୀଗୁଡା, ୨୬।୧୦(ଡି.ଏନ୍.ଏ)

**ଧରିତ୍ରୀ ପ୍ରଭାବ**

ଦୀର୍ଘ ୨୭ ଦିନ ଅନ୍ଧାରରେ ରହିବା ପରେ ବୁଧବାର ବୈପାରୀଗୁଡା ନିକଟବର୍ତ୍ତୀ ବାଡ୍ରୀପୁଟ ଗ୍ରାମରେ ନୂଆ ଟ୍ରାନ୍ସଫର୍ମର ଲଗାଯାଇଛି। ଟ୍ରାନ୍ସଫର୍ମର ଏଠାରେ ନ ଥିବାରୁ ତାହାକୁ ବ୍ରହ୍ମପୁରଠାରୁ ଅଣାଯାଇଥିଲା। ତେବେ ଟ୍ରାନ୍ସଫର୍ମର ଚାର୍ଜ ହେବାର ୮ ଘଣ୍ଟା ପରେ ବିଦ୍ୟୁତ୍ ଯୋଗାଣ କରାଯିବ ବୋଲ ଉପସ୍ଥିତ ବୈଷୟିକ କର୍ମଚାରୀମାନେ କହିଛନ୍ତି। ଏଠାରେ ସୂଚନାଯୋଗ୍ୟଯେ ଗତ ମାସ ୨୮ ତାରିଖରେ କୌଣସି କାରଣବଶତଃ ପୂର୍ବ ଟ୍ରାନ୍ସଫର୍ମରଟି ପୋଡି ଯାଇଥିଲା। ବାରମ୍ବାର ଗାଁ ଲୋକେ ବିଦ୍ୟୁତ୍ ବିଭାଗକୁ ଜଣାଇଲେ ମଧ କେହି ଶୁଣୁ ନଥିଲେ। ପାହାଡ ନିକଟବର୍ତ୍ତୀ ଉକ୍ତ ଗାଁରେ ଅନ୍ଧାର ରାତିରେ ଜଙ୍ଗଲି ଜନ୍ତୁ ପଶି ଆସୁଥିଲେ। ଚାର୍ଜ ଲାଇଟ୍ ଏବଂ ମୋବାଇଲ୍ ଫୋନ୍ ଚାର୍ଜ କରିବା ପାଇଁ କେତେକଙ୍କୁ ବୈପାରୀଗୁଡାକୁ ଆସିବାକୁ ପଡୁଥିଲା। ଏ



ଟ୍ରାନ୍ସଫର୍ମର ଲଗାଯାଉଛି।

ନେଇ ଗତ ୨୨ ତାରିଖ ଧରିତ୍ରୀରେ '୨୨ ଦିନ ହେଲା ଅନ୍ଧାରରେ ଚଳୁଛନ୍ତି ବାଡ୍ରିପୁଟ ଗ୍ରାମବାସୀ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଉକ୍ତ ଖବରକୁ ନେଇ ବିଭିନ୍ନ ବ୍ୟକ୍ତି ବିଶେଷ ଟୁଇଟ୍ କରିବା ପରେ ତାହାର ପ୍ରତିକ୍ରିୟାରେ ଟିପିସିଓଡିଏଲ୍ ପକ୍ଷରୁ ତୁରନ୍ତ ସମାସ୍ୟା ସମାଧନା କରାଯିବ ବୋଲି କୁହାଯାଇଥିଲା।

## ଖାଉଟିମାନେ ଇ-ଫାଇଲ ଜରିଆରେ ଅଭିଯୋଗ କରିପାରିବେ

କୋରାପୁଟ, ୨୬।୧୦(ସ୍ୱ.ପ୍ର.)

କୋରାପୁଟ ଜିଲା ଉପଭୋକ୍ତା ସୁରକ୍ଷା ପରିଷଦର ବୈଠକ ବୁଧବାର ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ଉପଭୋକ୍ତା ସୁରକ୍ଷା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଉତ୍କଳ କିଶୋର ଦାସ, ପରିଷଦର ସଦସ୍ୟା ବିନ୍ଦୁରାଣୀ ମିଶ୍ର, ମନୋଜ ଆଚାର୍ଯ୍ୟ, ଗିରିଜା ଶଙ୍କର ପଣ୍ଡା, ଜିଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା, କୋରାପୁଟ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ସମେତ ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଅତିଥିମାନେ ଖାଉଟିମାନଙ୍କ ସୁରକ୍ଷା ନେଇ ରହିଥିବା ବିଭିନ୍ନ ସୁବିଧା



ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି, ଅଧିକାରୀ ଓ ଅନ୍ୟମାନେ।

ଉପରେ ଆଲୋକପାତ କରିଥିଲେ। ଜିଲା ଉପଭୋକ୍ତା ସୁରକ୍ଷା ପରିଷଦର ସଭାପତି ଖାଦ୍ୟ ସୁରକ୍ଷା ଓ ଖାଉଟି ସୁରକ୍ଷା ନେଇ ରହିଥିବା ଆଇନର ବିଭିନ୍ନ ଦିଗ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ପ୍ରତିବର୍ଷ ଖାଉଟି ସୁରକ୍ଷା ପରିଷଦ ପକ୍ଷରୁ ଅନ୍ତତଃ ୨ ଥର ଏପରି ସଚେତନତା ବୈଠକ ହେବାକୁ ଥିବାବେଳେ ୨୦୧୯ରେ ଖାଉଟିମାନଙ୍କୁ କିପରି ସୁରକ୍ଷା ଦିଆଯିବ ସେ ନେଇ ଆମେଣ୍ଡମେଣ୍ଟ ଜରିଆରେ ବିଭିନ୍ନ ଆଇନ ପ୍ରଣୟନ କରାଯାଇଥିଲା। ୨୦୦୯ ମସିହା ପରେ ଜିଲାରେ ପ୍ରଥମ ଥର ଏପରି ସଚେତନତା ବୈଠକ ଅନୁଷ୍ଠିତ ହୋଇଥିବା ଜଣାଯାଇଛି। ଲୋକେ ବିଭିନ୍ନ ଖାଉଟି ସାମଗ୍ରୀକୁ କିପରି ଠିକ୍ ଓଜନ ଓ ମାପରେ ପାଇବେ ବିଶେଷକରି ଗ୍ରାମାଞ୍ଚଳରେ ଏ ଦିଗରେ ଦୃଷ୍ଟିଦେବାକୁ ଜୟପୁର ବିଧାୟକ କହିଛନ୍ତି। ଖାଉଟି ମାପ ଓ ଓଜନରେ ଭୁଲ୍ ଦେଖିବା ମାତ୍ରେ ଏ ବିଷୟରେ ଜିଲା ଖାଉଟି ସୁରକ୍ଷା ପରିଷଦରେ ଅଭିଯୋଗ କରିପାରିବାକୁ ବାହିନୀପତି ବୈଠକରେ ଗୁରୁତ୍ୱାରୋପ କରିଥିଲେ। ଏ ନେଇ ପ୍ରତି ବ୍ଲକରେ ସଚେତନତା ବୈଠକ କରାଯିବା ଦରକାର ବୋଲି ସେ କହିଛନ୍ତି। ଖାଦ୍ୟ ସୁରକ୍ଷା ନେଇ ଅନ୍‌ଲାଇନରେ ଖାଉଟିମାନେ ଇ-ଫାଇଲ ଜରିଆରେ ଅଭିଯୋଗ କରିପାରିବେ ବୋଲି ବୈଠକରେ ସଦସ୍ୟମାନଙ୍କୁ ସଚେତନ କରାଯାଇଥିଲା। ଓଡ଼ିଶା ସରକାର ପ୍ରଥମ ରାଜ୍ୟ ଭାବେ ଏପରି ସୁବିଧା କରାଇଛନ୍ତି। ଅନ୍‌ଲାଇନ ଠକେଇ, ସାଇବର ଠକେଇ ଓ ଖାଦ୍ୟ ସୁରକ୍ଷା ସମ୍ପର୍କିତ ବିଭିନ୍ନ ନୂତନ ଆଇନ ଉପରେ ବୈଠକରେ ପରିଷଦ ସଭାପତି ଉପସ୍ଥିତ ସଦସ୍ୟଙ୍କୁ ସଚେତନ କରିଥିଲେ।

**୩ବର୍ଷ ପରେ ଜିଲା ଉପଭୋକ୍ତା ସୁରକ୍ଷା ପରିଷଦର ବୈଠକ**

## ସଂକ୍ଷେପରେ

### ଦାୟିତ୍ୱ ନେଲେ କୋରୁକୋଣ୍ଡା ବିଇଓ



**କୋରୁକୋଣ୍ଡା ୨୬।୧୦(ଡି.ଏନ୍. ଏ.):** ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକରେ ନୂତନ ବିଇଓ ଭାବେ ଅସିତ ମିସ୍ତ୍ରି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ସେ କାଲିମେଳା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଥିଲେ। ପଦୋନ୍ନତି ପାଇ ସେ କୋରୁକୋଣ୍ଡା ବିଇଓ ହୋଇଛନ୍ତି। ଆଗାମୀ ଦିନରେ ବ୍ଲକରେ ଶିକ୍ଷା ବ୍ୟବସ୍ଥାରେ କିପରି ଉନ୍ନତି ଘଟିବ ଏବଂ ଛାତ୍ରୀଛାତ୍ରଙ୍କୁ କିପରି ଶିକ୍ଷା କ୍ଷେତ୍ରରେ ଆଗକୁ ନେଇ ହେବ ସେ ନେଇ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଉଦ୍ୟମ କରିବେ ବୋଲି ନୂତନ ବିଇଓ ଦାୟିତ୍ୱ ଗ୍ରହଣ ଅବସରରେ କହିଛନ୍ତି। ସୂଚନାଯୋଗ୍ୟ, କୋରୁକୋଣ୍ଡା ବିଇଓ ଥିବା ପତିତପାବନ ଦାସ ମେ ମାସରେ ଅବସର ଗ୍ରହଣ କରିଥିଲେ। ଏହାପରେ ୪ମାସ ଧରି ଅସ୍ଥାୟୀ ଭାବେ ଦୁଇ ଶିକ୍ଷାଧିକାରୀ ଦାୟିତ୍ୱ ତୁଲାଇ ଆସୁଥିଲେ।

### ୨ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**କାଲିମେଳା, ୨୬।୧୦(ଡି.ଏନ୍.ଏ.):** କାଲିମେଳା ବିଇଓଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଦୁଇ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପଦୋନ୍ନତି ଦିଆଯାଇ ବିଇଓ ଭାବେ ଅନ୍ୟ ବ୍ଲକକୁ ବଦଳି ହୋଇଛି। ଉଭୟ ଶିକ୍ଷା ଅଧିକାରୀଙ୍କୁ କାଲିମେଳା ସିଆର୍‌ସିସିଙ୍କ ପକ୍ଷରୁ ବୁଧବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ କାଲିମେଳା ବ୍ଲକ କଲୋନି ୟୁପି ସ୍କୁଲ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଇଓ ରମେଶ ଚନ୍ଦ୍ର ବାରୋଇଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ବିଦାୟୀ ଦୁଇ ଶିକ୍ଷା ଅଧିକାରୀ ଅସିତ ମିସ୍ତ୍ରି ଏବଂ ରବୀନ୍ଦ୍ର ନାଥ ଧରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିସହ ପଦୋନ୍ନତି ପାଇଁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଦାମୋଦର ଦୁରୁକା, ଅନ୍ୟତମ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଚିନ୍ତାହରଣ ମଧୁ, ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ନବକିଶୋର ମଲ୍ଲିକ, ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣି ଅରୁଣ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଅକ୍ଷୟ କୁମାର ପଣ୍ଡା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଓ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସିଆର୍‌ସିସି ରଞ୍ଜିତ ସରକାର, ବିଷ୍ଣୁ ରଞ୍ଜନ ସରକାର, ନିକୁଞ୍ଜ ମଣ୍ଡଳ ପରିଚାଳନା କରିଥିଲେ। କାଲିମେଳା ବ୍ଲକର ସମସ୍ତ ସିଆର୍‌ସିସି ଏଥିରେ ସହଯୋଗ କରିଥିଲେ। ବ୍ଲକ କଲୋନି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ନାୟକଙ୍କ ସମେତ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ।

### ଚାମ୍ପିୟନ ଭଲିବଲ ଟିମ୍‌କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧନା

**ରାୟଗଡ଼ା ଅଫିସ, ୨୬।୧୦:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଭଞ୍ଜନଗରସ୍ଥିତ କେଏସ୍‌ୟୁବି କଲେଜ ଠାରେ ଅକ୍ଟୋବର ୨୨ ଏବଂ ୨୩ ରେ ଆୟୋଜିତ ଆନ୍ତଃ ମହାବିଦ୍ୟାଳୟ ଭଲିବଲ ଟୁର୍ନାମେଣ୍ଟରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଚାମ୍ପିୟନ ହୋଇଛି। ବ୍ରହ୍ମପୁରର ସିଟି କଲେଜକୁ ପରାସ୍ତକରି ଦଳ ସଫଳତା ହାସଲ କରିଛି। ଏହି ସଫଳତା ପାଇଁ ଚାମ୍ପିୟନ ଟିମ୍‌କୁ ରାୟଗଡ଼ା କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଟୁର୍ନାମେଣ୍ଟରେ ୮ ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ରାୟଗଡ଼ା ମହାବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା ଖେଳାଳିମାନେ ହେଲେ କ୍ୟାପ୍‌ଟେନ ସୌମ୍ୟରଞ୍ଜନ ସାମଲ, ସୁକାନ୍ତ ଲିମା, ଗଣେଶ ହିକ୍‌କା, କେ. କାର୍ତ୍ତିକ, ଉଦୟ ମାଣ୍ଡାଙ୍ଗି, ଅଜୟ ଯାଦବ ଓ ବୁଲୁ। ସେହିପରି କୋଚ୍ ଭାବେ ଖେଳ ଶିକ୍ଷକ ଆଶିଷ ପୂଜାରୀ ଦଳ ସହ ରହିଥିଲେ। ମହାବିଦ୍ୟାଳୟର ଅଧକ୍ଷା ଭି. ଆର୍. ରତ୍ନଶ୍ରୀ, ପ୍ରସନ୍ନ ଗନ୍ତାୟତ, ବି.ଏଲ୍. ସରାଫ, ଗିରୀଶ ପଟ୍ଟନାୟକ ଓ ଅଶୋକ କୁମାର ସାହୁ ପ୍ରମୁଖ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଲୁହାବାଡ଼ ଉପାଡ଼ି ଝୁଲାପୋଲ ବୁଲୁଛନ୍ତି ପର୍ଯ୍ୟଟକ

**ରାୟଗଡ଼ା ଅଫିସ, ୨୬।୧୦**



ଜଣେ ପର୍ଯ୍ୟଟକ ସୁରକ୍ଷା ବାଡ଼ରୁ ଗଳି ପୋଲକୁ ଆସୁଛନ୍ତି।



ଉପାଡ଼ି ଦିଆଯାଇଥିବା ସିମେଣ୍ଟ ଖୁଣ୍ଟ, ଲୁହାବାଡ଼।

- ସେପ୍ଟେମ୍ବରରେ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିଲା
- ସ୍ଥାୟୀ ପାଚେରି କରି ପୋଲକୁ ବନ୍ଦ କରାଯିବ, ତହସିଲଦାର

ରାୟଗଡ଼ା ଜିଲା ଦେଇ ପ୍ରବାହିତ ନାଗାବଳୀ ନଦୀ ଉପରେ ନିର୍ମିତ ଝୁଲାପୋଲ ବୁଲିବାକୁ ଯାଇ ନଦୀରେ ଗାଧୋଇବା ସମୟରେ ଏବଂ ସେଲ୍‌ଫି ନେବାବେଳେ ଅନେକ ପର୍ଯ୍ୟଟକଙ୍କ ଜୀବନ ଚାଲିଯାଇଛି। ସରକ୍ଷା ଦୃଷ୍ଟିରୁ ଲୁହାବାଡ଼ ଦେଇ ଗତମାସରେ ପୋଲକୁ ବନ୍ଦ କରାଯାଇଥିଲା। ହେଲେ ଏବେ ଏହି ଝୁଲାପୋଲକୁ ବେଆଇନ ଭାବେ ପୁଣି ବ୍ୟବହାର କରାଯାଉଥିବା ଦୃଷ୍ଟିକୁ ଆସିଛି। ସିମେଣ୍ଟ ଖୁଣ୍ଟ ଏବଂ ତାରବାଡ଼ ଉପାଡ଼ି ଲୋକେ ପୋଲ ଉପରକୁ ଯିବା ସହ ଫଟୋ ଉଠାଉଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ୨୦୧୧ ରେ ୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ଓଡ଼ିଶାର ଏହି ଦ୍ୱିତୀୟ ଝୁଲାପୋଲ ନିର୍ମାଣ ହୋଇଥିଲା। ୨୦୧୨ ରେ ଏହା ପର୍ଯ୍ୟଟକଙ୍କ ପାଇଁ ଖୋଲିଥିଲା। ପୋଲ ନିର୍ମାଣ ପରେ ରାୟଗଡ଼ା ଜିଲା ଏକ ବିଶେଷ ପର୍ଯ୍ୟଟନସ୍ଥଳୀ ପାଲଟିଥିଲା। ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟରୁ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସୁଥିଲେ। ବିଶେଷ କରି ରାୟଗଡ଼ା ସହର ସହ ୨୫ ଖଣ୍ଡ ଗ୍ରାମକୁ ସଂଯୋଗୀକରଣ ନିମନ୍ତେ ଏହି ଝୁଲାପୋଲ ନିର୍ମାଣ ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହା ବିପଜ୍ଜନକ ଅବସ୍ଥାରେ ରହିଛି। ଝୁଲାପୋଲରେ ବୁଲିବା ସହ ପର୍ଯ୍ୟଟକ ନାଗାବଳୀ ନଦୀ ଏବଂ ଏହାର ଆଖପାଖ ପରିବେଶର ସୌନ୍ଦର୍ଯ୍ୟକୁ କଏଦ କରିବା ପାଇଁ ସେଲ୍‌ଫି ନେଉଥିଲେ। ନଦୀ ନିକଟରେ ସେଲ୍‌ଫି ନେବା ହିଁ ଜୀବନ ଯିବାର କାରଣ ସାଜିଥିଲା। ତେବେ ଆନ୍ଧ୍ର ପ୍ରଦେଶରୁ ଆସିଥିବା ଏକ ପରିବାରର ୨ ପୁଅ ନଦୀରେ ଭାସିଯିବା ଏବଂ ପରବର୍ତ୍ତି ସମୟରେ ବାପା ଗୋଟିଏ ପୁଅକୁ ଉଦ୍ଧାର କରିଥିବାବେଳେ ଅନ୍ୟ ଜଣଙ୍କର ଜୀବନ ଚାଲିଯିବା ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହାପରେ ଝୁଲାପୋଲ ନିକଟରେ ସୁରକ୍ଷା ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଇଥିଲା। ଜିଲା ପ୍ରଶାସନ ଏଥିରେ ତତ୍ପରତା ପ୍ରକାଶ କରି ଝୁଲାପୋଲକୁ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଥିଲା। ଏହାକୁ ନିକଟସ୍ଥ ଗ୍ରାମର ଲୋକେ ବିରୋଧ କରି ଧାରଣା ଦେଇଥିଲେ। ଅନ୍ୟପକ୍ଷରେ ପୋଲକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦ୍ୱାରା ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଛି। ତେଣୁ ପୋଲ ନିକଟରେ ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା କରି ପୁଣି ଝୁଲାପୋଲ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଖୋଲିବାକୁ ମତପ୍ରକାଶ ପାଉଛି।

ଏ ନେଇ ରାୟଗଡ଼ା ତହସିଲଦାର ତାପସ ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି, ଝୁଲାପୋଲ ନିକଟରେ ପୋଲିସ ମୁତୟନ କରାଯିବା ସହ ସ୍ଥାୟୀ ପାଚେରୀ ନିର୍ମାଣ କରି ବନ୍ଦ କରିବାକୁ ପଡ଼ିବ। ଏ ନେଇ ରାୟଗଡ଼ା ଉପଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କୁ ଜଣାଇଥିବା ସେ କହିଛନ୍ତି।

## ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ



**ଗୁଣପୁର, ୨୬।୧୦(ଡି.ଏନ୍.ଏ.)**

ଅଭିଯୁକ୍ତ ଚନ୍ଦ୍ରଙ୍କୁ କୋର୍ଟରେ ହାଜର ପାଇଁ ନିଆଯାଉଛି।

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ରାଇଗଡ଼ା ଗ୍ରାମରେ ସ୍ୱାମୀ ଚନ୍ଦ୍ର ଶବରଙ୍କ କୁରାଢ଼ି ମାଡରେ ସ୍ତ୍ରୀ କୁମାରୀ ଶବରଙ୍କ ମୃତ୍ୟୁ ମାମଲାରେ ବୁଧବାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ସ୍ୱାମୀ ଚନ୍ଦ୍ରଙ୍କୁ ଗୁଣପୁର ଏଡିଜେ ମାନସ ରଞ୍ଜନ ରଥ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଅର୍ଥ ଦଣ୍ଡରେ ମଧ୍ୟ ଶୁଣାଣି କରିଛନ୍ତି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବେ ବୋଲି କୋର୍ଟ ତାଙ୍କ ରାୟରେ ପ୍ରକାଶ କରିଥିବା ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ୨୦୨୦ ଜୁନ୍ ୨୩ ରାତିରେ ରାଇଗୁଡ଼ା ସ୍ଥିତ ନିଜ ଘରେ ଚନ୍ଦ୍ର ସ୍ତ୍ରୀ କୁମାରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏହାପରେ ଚନ୍ଦ୍ର ଫେରାର ହୋଇଯାଇଥିଲେ। ଘଟଣାର ପରଦିନ ହତ୍ୟାକାଣ୍ଡ ନେଇ କୁମାରୀଙ୍କ ଭଉଣୀ ସୁନିତା ବିଡିକା ଗୁଣପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏ ନେଇ ହତ୍ୟା ମାମଲା ରୁଜୁ କରିବା ସହ ତତ୍କାଳୀନ ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ତଦନ୍ତ ହୋଇଥିଲା। ପୋଲିସ ଖୋଜାଖୋଜି କରି ଚନ୍ଦ୍ରଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାର ବିଚାରଣା ଗୁଣପୁର ଏଡିଜେଙ୍କ କୋର୍ଟରେ ହୋଇଥିଲା। ବିଚାରଣା ସମୟରେ ୧୪ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସମସ୍ତ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଏଡିଜେ ଉପରୋକ୍ତ ରାୟ ଶୁଣାଇଥିଲେ। ଅଭିଯୁକ୍ତଙ୍କ ପାଇଁ ଷ୍ଟେଟ ଡିଫେନ୍ସ ଓକିଲ ସନ୍ତୋଷ ସାହୁ ମାମଲା ପରିଚାଳନା କରୁଥିଲେ। ଗିରଫ ଦିନଠାରୁ ତାଙ୍କର ଜାମିନ ହୋଇ ନ ଥିବାରୁ ସେ ଗୁଣପୁର ଜେଲ ହାଜତରେ ରହି ଆସୁଥିଲେ। ଦଣ୍ଡାଦେଶ ଶୁଣାଇବା ପରେ ଏଡିଜେ ତାଙ୍କୁ ପୁଣି ଗୁଣପୁର ଜେଲ ହାଜତକୁ ପଠାଇ ଦେଇଛନ୍ତି।

# ଏସ୍‌ଏଚ୍‌ଜି ମହିଳା ସହ ଆଲୋଚନା, ଉନ୍ନୟନ କାର୍ଯ୍ୟ ସମୀକ୍ଷା

**ରାୟଗଡ଼ା ଅଫିସ, ୨୬।୧୦**

## ଜିଲାପାଳଙ୍କ ରାୟଗଡ଼ା ସଦର ବ୍ଲକ ଗସ୍ତ



ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଜିଲାପାଳ ଉନ୍ନୟନ କାର୍ଯ୍ୟ ବିଷୟରେ ଆଲୋଚନା କରୁଛନ୍ତି।

ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂ ବୁଧବାର ରାୟଗଡ଼ା ବ୍ଲକ ଗସ୍ତକରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ ଓ ସମୀକ୍ଷା କରିଛନ୍ତି। ପିତାମହଲ ଠାରେ ୨୦୨୧–୨୨ ରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ମିଶନ ଶକ୍ତି ଗୃହ ପରିଦର୍ଶନ କରିବା ସହ ସେଠାରେ ମାଁ ଅଗ୍ନିଗାଙ୍ଗାମ୍ମା ଏସ୍‌ଏଚ୍‌ଜି ଦ୍ୱାରା ତିଆରି ହେଉଥିବା ଫୁଲଝାଡୁ ଦେଖିଥିଲେ। ଗୋଷ୍ଠୀ ମହିଳାଙ୍କ ସହ ଜିଲାପାଳ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ସେହିପରି ପିତାମହଲ ଠାରେ ୨୦୨୧–୨୨ ରେ ଏମଜିଏନ୍‌ଆରଇଜିଏସ୍ ମହିଳା ଓ ଶିଶୁ ବିକାଶ ପାଣ୍ଠିରେ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ ସହ ଶିଶୁ ଓ ସହାୟକ ସହିତ ଆଲୋଚନା କରିଥିଲେ।

ପିତାମହଲ ଠାରେ ୧୦୦ ଶଯ୍ୟା ବିଶିଷ୍ଟ ସେବାଶ୍ରମ ସ୍କୁଲ ଓ ହଷ୍ଟେଲ ପରିଦର୍ଶନ ସହ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ସ୍କୁଲର ଉନ୍ନତି ବିଷୟରେ ଆଲୋଚନା କରିଥିଲେ। ତୃତୀୟ ପର୍ଯ୍ୟାୟରେ ୫–ଟି ଅଧୀନରେ ଉନ୍ନତିକରଣ ହେବାକୁ ଥିବା ବିଷ୍ଣୁଗୁଡ଼ା ହାଇସ୍କୁଲ ପରିଦର୍ଶନ ସହ ସ୍ଥାନୀୟ ପଞ୍ଚାୟତରାଜ ପ୍ରତିନିଧିଙ୍କ, ସ୍କୁଲ କମିଟି ଏବଂ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ୨୦୨୨–୨୩ ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା ବିଷ୍ଣୁଗଡ଼ା ବନ୍ଧରେ ପୂନଃବିନ୍ୟାସ କାମ ପରିଦର୍ଶନ କରିଥିଲେ। ସ୍ଥାନୀୟ ରଙ୍ଗବନ୍ଧ ଅମୃତ ସରୋବ ପୋଖରୀ ପରିଦର୍ଶନ ସହ ଅନ୍ୟ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ପିତାମହଲ ପଞ୍ଚାୟତର ଶ୍ରୀରାମ ନଗର ସ୍ଥିତ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ଚିହ୍ନଟ ହୋଇଥିବା ବ୍ଲକ ସ୍ତରୀୟ ମିନି ଷ୍ଟାଡିୟମର ଜାଗା ପରିଦର୍ଶନ କରିଥିଲେ। ତାଡ଼ମା ପଞ୍ଚାୟତରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୫–ଟି ଅଧୀନରେ ରୂପାନ୍ତରିକରଣ କାର୍ଯ୍ୟ ବୁଲି ଦେଖିଥିଲେ। ଏଠାରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ତୃତୀୟ ପର୍ଯ୍ୟାୟରେ ୫–ଟି ଅଧୀନରେ ଉନ୍ନତିକରଣ ହେବାକୁ ଥିବା ହାଲୁଆ ଉଚ୍ଚ ବିଦ୍ୟାଳୟ ମଧ୍ୟ ପରିଦର୍ଶନ କରିଥିଲେ ।

# ୧୬ ଖଣ୍ଡ ମୂଲ୍ୟବାନ୍ କାଠ ଜବତ

**କାଲିମେଳା, ୨୬।୧୦(ଡି.ଏନ୍.ଏ.)**



କାଲିମେଳା ବନ ବିଭାଗ ଅଧୀନସ୍ଥ ପୋଟେରୁ ସେକ୍ସନ ମାନ୍ଦାପଲ୍ଲୀ ପଞ୍ଚାୟତର ଏମ୍‌ପିଭି ୧୮ ଗ୍ରାମରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବହୁ ମୂଲ୍ୟବାନ ସାଇଜ୍ କାଠ ଓ ପଟ୍ଟା ଜବତ କରାଯାଇଛି। ଚୋରାରେ ଏହି କାଠ ଗଚ୍ଛିତ ରଖିବା ଅଭିଯୋଗରେ ଏମ୍‌ପିଭି ୧୮ ଗ୍ରାମର ସୁଖରଞ୍ଜନ ବାହାଦୁରଙ୍କୁ ବନ ବିଭାଗ ପକ୍ଷରୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ବନପାଳ ଶିବାନନ୍ଦ ଲେଙ୍କା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଏମ୍‌ପିଭି ୧୮ ଗ୍ରାମରେ ଜଣେ ବ୍ୟକ୍ତି ଚୋରାରେ ମୂଲ୍ୟବାନ କାଠ ରଖି ବିକ୍ରି କରୁଥିବା ନେଇ ବନ ବିଭାଗ ଖବର ପାଇଥିଲା। କାଲିମେଳା ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ଦଲେଇଙ୍କ ନିର୍ଦ୍ଦେଶରେ ବନ୍ଦପାଳ ଶିବାନନ୍ଦ ଲେଙ୍କା, ସିଦ୍ଧାର୍ଥ ରାଉତ, ଫରେଷ୍ଟ ଗାର୍ଡ ବିନାରାଣୀ ମଣ୍ଡଳ ଏବଂ ଅନ୍ୟ ପାରା କର୍ମଚାରୀ ମାନେ ସକାଳେ ସୁଖରଞ୍ଜନଙ୍କ ଘରେ ଚଢ଼ାଉ କରିଥିଲେ। ଘରୁ ୧୬ ଖଣ୍ଡ ବିଜା ଏବଂ ସାଗୁଆନ କାଠ ଜବତ କରାଯାଇଛି।

# ଡିଆଇଇଟି ପକ୍ଷରୁ ଶିକ୍ଷକ ପ୍ରଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

**ଚିତ୍ରକୋଣ୍ଡା, ୨୬।୧୦(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି) ପକ୍ଷରୁ ବୁଧବାର ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଲଳିନ୍ଦ୍ର ମୋହନ ମାର୍ଣ୍ଡି ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହୋଇଛନ୍ତି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବରିଷ୍ଠ ପ୍ରଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଅନୁଷ୍ଠାନର ଶିକ୍ଷକ ପ୍ରଶିକ୍ଷକ, ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଲଳିନ୍ଦ୍ର ମାର୍ଣ୍ଡି ୨୦୨୧ ସେପ୍ଟେମ୍ବର ୨୪ରେ ଅନୁଷ୍ଠାନରେ ଯୋଗଦେଇଥିଲେ। ଖୁବ୍ କମ୍ ଦିନର କାର୍ଯ୍ୟକାଳ ମଧ୍ୟରେ ନିଜର କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ଶିକ୍ଷାଦାନ ଦକ୍ଷତା ଏବଂ ଛାତ୍ର ବତ୍ସଳ ମନୋଭାବ କାରଣରୁ ବେଶ୍ ପରିଚିତ ଥିଲେ। ଏବେ ତାଙ୍କୁ ସମ୍ବଲପୁର ଜିଲା ବି.ଏଡ୍. ବିଦ୍ୟାଳୟରେ ଅଧ୍ୟାପକ ଭାବେ ପଦୋନ୍ନତି ମିଳିଛି। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ମହେନ୍ଦ୍ର କୁମାର ସେଠୀ କହିଛନ୍ତି, ମାର୍ଣ୍ଡି ଅନୁଷ୍ଠାନର ଜଣେ କର୍ତ୍ତବ୍ୟନିଷ୍ଠ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଥିଲେ। ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ସହକର୍ମୀ, ଛାତ୍ରୀଛାତ୍ର, ସ୍ଥାନୀୟ ଅତିଥି ଏବଂ କେତେଜଣ ପ୍ରାକ୍ତନ ଛାତ୍ରୀଛାତ୍ର ଯୋଗଦେଇ ବିଦାୟୀ ଶିକ୍ଷକ ପ୍ରଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ସହ ପଦୋନ୍ନତି ପାଇଁ ପୁରସ୍କାର ପ୍ରଦାନ ସହ ଅଭିନନ୍ଦନ ଜଣାଇଥିଲେ।

## ବୃଦ୍ଧାଙ୍କୁ ହତ୍ୟା, ଚାଷଜମିରୁ ମୃତଦେହ ଜବତ

**ମାଲକାନଗିରି, ୨୬।୧୦(ଡି.ଏନ୍.ଏ.)**

ମାଲକାନଗିରି ସଦର ବ୍ଲକ ଗୌଡ଼ଗୁଡ଼ା ପଞ୍ଚାୟତର ଏମ୍‌ଭି ୯ ଗ୍ରାମରେ ଜଣେ ବୃଦ୍ଧାଙ୍କ ହତ୍ୟା କରାଯାଇଛି। ଗାଁର ହିରା ଗୋସ୍ୱାମୀ ନିକଟସ୍ଥ ଆମ୍ବତୋଟା ମଝିରେ ଘର କରି ରହୁଥିଲେ। ମଙ୍ଗଳବାର ରାତିରେ କେତେଜଣ ଦୁର୍ବୃତ୍ତ ଆସି ତାଙ୍କୁ ଘରୁ ଉଠାଇ ନେଇ ହତ୍ୟ କରିବା ପରେ ନିକଟସ୍ଥ ଜମିରେ ଫୋପାଡ଼ି ଦେଇଥିବା ଜଣାପଡ଼ିଛି। ରାତିରେ ପୁଅ ବିଶ୍ୱଜିତ ବୃଦ୍ଧାଙ୍କ ନିକଟକୁ ଯାଇଥିଲେ। ମା'ଙ୍କ ସହ କଥାବାର୍ତ୍ତା କରି ଫେରିଥିଲେ। ସକାଳେ ସେ ପୁଣି ମାଁଙ୍କ ନିକଟକୁ ଯାଇଥିବାବେଳେ ଘର ବାହାରେ ଥିବା ବାଡ଼ ଭାଙ୍ଗି ପଡ଼ିଥିବା ଦେଖିବାକୁ ପାଇଥିଲେ। ସନ୍ଦେହ ହେବାରୁ ଭିତରକୁ ଯାଇ ଦେଖିଥିଲେ। ହେଲେ ସେଠାରେ ମା'ଙ୍କୁ ପାଇ ନ ଥିଲେ। ଆଖପାଖରେ ଖୋଜାଖୋଜି କରିବା ପରେ ନ ପାଇବାରୁ ଘର ପଛପଟେ ଯାଇ ଅନୁସନ୍ଧାନ କରିଥିଲେ। ସେଠାରେ ମା'ଙ୍କ ଚାଦର, ଲୁଗା ଆଦି ପଡ଼ିଥିବାବେଳେ ନିକଟସ୍ଥ ଚାଷଜମିରେ ମା'ଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଏ ନେଇ ବିଶ୍ୱଜିତ ମାଲକାନଗିରି ଥାନା ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛି। ପ୍ରାଥମିକ ତଦନ୍ତରୁ ହତ୍ୟାବୋଲି ଜଣାପଡ଼ିଥିଲେ ମଧ୍ୟ ମୃତ୍ୟୁର ପ୍ରକୃତ କାରଣ ଏବଂ ହତ୍ୟାକାରୀ ବିଷୟରେ ଜଣାପଡ଼ି ନ ଥିବା ପୋଲିସ ପ୍ରକାଶ କରିଛି।

# ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

## ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ମାଲକାନଗିରି, ୨୬।୧୦(ଡି.ଏନ୍.ଏ.)**



ଅତିଥିମାନେ ଶହୀଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି।

ମାଲକାନଗିରି ସଦର ବ୍ଲକ ସିନ୍ଦ୍ରିମାଳ ପଞ୍ଚାୟତର ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ବୁଧବାର ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଏଠାରେ ମାଲକାନଗିରି ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଡିଇଓ ତଥା ପ୍ରକଳ୍ପ ସଂଯୋଜକ ମାନସ କୁମାର ଜେନା ଉପସ୍ଥିତ ରହି ଶହୀଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ରୂପେ ଏବିଇଓ ଚିତ୍ତରଞ୍ଜନ ପାଣ୍ଡେ, ମଣ୍ଡଳ ଶିକ୍ଷାଧିକାରୀ ରବୀନ୍ଦ୍ର ନାଥ ଧର ଓ ସିନ୍ଦ୍ରିମାଳ ସରପଞ୍ଚ ଘାସି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟତ୍ରୀ ବାସନ୍ତୀ ପଟଲା ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ସିନ୍ଦ୍ରିମାଳ ପଞ୍ଚାୟତର ବୁଦ୍ଧିଜୀବୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶିବ ମାଡକାମୀ ଯୋଗ ଦେଇଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି




ଶିଶୁ ମହୋତ୍ସବରେ ମଞ୍ଚାସୀନ ଅତିଥି।

**ବିଷମକଟକ, ୨୬।୧୦(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ବିଷମକଟକ ବିଇଓଙ୍କ କାର୍ଯ୍ୟାଳୟରେ ବୁଧବାର ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା ଏବଂ ସମ୍ମାନିତ ଅତିଥି ରୂପେ ଶ୍ରୀରଙ୍ଗ ନାୟକ ଉପସ୍ଥିତ ଥିଲେ। ବିଇଓ ମଦନ ପାଣି, ଏବିଇଓ ଇନ୍ଦ୍ରଜିତ ନାୟକ, ସୋମନାଥ ୱାଡକା ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକରେ ଥିବା ସମସ୍ତ ବିଦ୍ୟାଳୟରୁ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ୧୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଉପସ୍ଥିତ ଥିଲେ। ସମସ୍ତ ସ୍କୁଲରେ ହୋଇଥିବା ସୁରଭି କାର୍ଯ୍ୟକ୍ରମରେ ଯେଉଁ ଛାତ୍ରୀଛାତ୍ର ପ୍ରଥମ ହୋଇଥିଲେ ସେମାନଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା। ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜିଲାସ୍ତରୀୟ ସୁରଭି ମହୋତ୍ସବରେ ଅଂଶଗ୍ରହଣ କରିବେ।

ବିଇଓଙ୍କ କାର୍ଯ୍ୟାଳୟରେ ଆୟେଜିତ କାର୍ଯ୍ୟକ୍ରମକୁ ସ୍ୱପ୍ନାରାଣୀ ରଥ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଡିଓ ସଦାଶିବ ନାୟକ, ସମ୍ମାନିତ ଅତିଥି ରୂପେ ବିଷମକଟକ ହାଇସ୍କୁଲର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦୀପ ଉପସ୍ଥିତ ରହି ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିବ ପ୍ରସାଦ ପାଢ଼ୀ, ରାମକୃଷ୍ଣ ଆଚାର୍ଯ୍ୟ, ରମାକାନ୍ତ ବେରଦଲେଇ, ଶରତ ଆଚାର୍ଯ୍ୟ, ମଦନ ସୁନ୍ଦର ପଟ୍ଟନାୟକ, ମୁରଲୀଧର ବେହେରା, ହରିଦାସ ବତ୍ର, ରାଜେଶ କୁମାର ବିଶ୍ୱାଳ, ମଦନ ମୋହନ ଜେନା, ଦୀନବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମୁକ୍ତା ଯୋଜନାରେ ଟଙ୍କା ପାଉନାହାନ୍ତି ଏସ୍‌ଏଚ୍‌ଜି ମହିଳା

**ମାଲକାନଗିରି, ୨୬।୧୦(ଡି.ଏନ୍.ଏ.)**

- ପୌର କାର୍ଯ୍ୟାଳୟ ଆଗରେ ଦେଲେ ଧାରଣା
- ଆର୍‌ଟିଆଇରେ ମାଗିବେ ତଥ୍ୟ

ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଗାଁ ଠାରୁ ସହର ପର୍ଯ୍ୟନ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ଅର୍ଥ ଖର୍ଚ୍ଚ କରୁଛନ୍ତି। ହେଲେ ସହରରେ ଥିବା ମହିଳାଙ୍କ ବିକାଶ ପାଇଁ ମୁକ୍ତା ଯୋଜନାରେ ଆସୁଥିବା ଟଙ୍କାର ସୁବିଧା ମହିଳାମାନେ ପାଇପାରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ମହିଳାମାନେ ଉପଯୁକ୍ତ ପଦକ୍ଷେପ ନେବାପାଇଁ ଦାବିକରି ବୁଧବାର ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏ ନେଇ ପୌର ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇବା ସହ କୌଣସି ପଦକ୍ଷେପ ନ ନେଲେ ଆର୍‌ଟିଆଇରେ ତଥ୍ୟ ମାଗିବେ ବୋଲି ମହିଳାମାନେ ଚେତାବନି ଦେଇଛନ୍ତି।

ସରକାର କୁକୁଡ଼ା ଚାଷ, ପରିବା ଚାଷ ସମେତ ବିଭିନ୍ନ ଚାଷ ପାଇଁ ଟଙ୍କା ଖର୍ଚ୍ଚ ହେଉଛି। ସେହିଭଳି ସହରରେ ମଧ୍ୟ ମୁକ୍ତା ଯୋଜନା ମାଧ୍ୟମରେ ଜିଲାରେ ପୋଖରୀ, ଜଳ ସଂରକ୍ଷଣ ଭଳି ଅନେକ କାମ ମହିଳା ଗୋଷ୍ଠୀଙ୍କୁ ଦିଆଯାଉଛି। ହେଲେ କାମ ଗୁଡ଼ିକର ୱାର୍କ ଅର୍ଡର ନ ମିଳିବା ଏବଂ ମହିଳା ମାନେ ଠିକ୍ କାମ ପାଉ ନ ଥିବା ଅଭିଯୋଗ କରିଛନ୍ତି। ଯେଉଁ କାମ ହେଉଛି ସେହି କାମର ପ୍ରାପ୍ୟ ମଧ୍ୟ ସେମାନେ ପାଉ ନ ଥିବା କହିଛନ୍ତି। କୌଣସି କାମ ସରିଲେ ବିଲ୍ କରିବା ସମୟରେ ୨୦ ରୁ ୩୦ ହଜାର ଟଙ୍କା ରଖି ଟଙ୍କା ଦିଆ ଯାଉଥିବା ଅଭିଯୋଗ କରିଛନ୍ତି। ଏ ବିଷୟରେ ପୌର ପରିଷଦ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକଙ୍କୁ ପଚାରିବାରୁ ସେ ନୂଆରେ କାର୍ଯ୍ୟରେ ଯୋଗ ଦେଇଥିବା କହିଛନ୍ତି। ଘଟଣା ବିଷୟରେ ତଦନ୍ତ କରିବେ ବୋଲି ସେ ପ୍ରକାଶ କରିଛନ୍ତି।



ପୌର ନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ଏସ୍‌ଏଚ୍‌ଜି ମହିଳା।

## ମରାମତି ହେଲା ନଳକୂପ
### ଧରିତ୍ରୀ ପ୍ରଭାବ

**ମାଥିଲି, ୨୬।୧୦ (ଡି.ଏନ୍.ଏ.):** ମାଥିଲି ବ୍ଲକ ଉଦୁଲିବେଡ଼ା ପଞ୍ଚାୟତର ସିଂହଗୁଡ଼ା ଗ୍ରାମରେ ଦୀର୍ଘଦିନ ହେଲା ନଳକୂପ ଅଚଳ ଯୋଗୁ ଲୋକେ ପାଣି ପାଇଁ ବହୁ ଅସୁବିଧା ଭୋଗୁଥିଲେ। ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭକରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ନିରାଶ ହୋଇଥିଲେ। ସମସ୍ୟା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଇ ନଳକୂପ ମରାମତି କରାଯାଇଛି। ତେବେ ସରକାରଙ୍କ ପକ୍ଷରୁ ଅର୍ଥ ଖର୍ଚ୍ଚ କରାଯାଇ ପାଇପ୍‌ଲାଇନ ବିଛାଯାଇଥିବାବେଳେ ତୁରନ୍ତ ଗ୍ରାମକୁ ପାଇପ ଯୋଗେ ପାନୀୟଜଳ ଯୋଗାଇବା ପାଇଁ ଅନୁରୋଧ କରିଛନ୍ତି।

